## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଅନୁଗୋଳ,(ଅମିତ ସାମଲ): ଅନୁଗୋଳ ଜିଲା ଖମାର ଥାନା ଅନ୍ତର୍ଗତ ଗାଡରଖାଇ ଗ୍ରାମର ରତ୍ନାକର କିସାନ (୫୫) ବୁଧବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ସକାଳେ ଛେଳି ନେଇ ଜଙ୍ଗଲକୁ ଯାଇଥିବାବେଳେ ଏକ ଭାଲୁ ହାବୁଡରେ ପଡିଥିଲେ। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ଖମାର ଡାକ୍ତରଖାନା ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ନୂତନ ଆଇଆଇସିଙ୍କ ଯୋଗଦାନ

କଣିହାଁ,୧୮।୧୦(ସଚ୍ଚିଦାନନ୍ଦ ପ୍ରଧାନ)



ଅନୁଗୋଳ ଜିଲା କଣିହାଁ ଥାନାରେ ନୂତନ ଆଇଆଇସି ଭାବେ ବୁଧବାର ସତ୍ୟବ୍ରତ ରାଉତ ଯୋଗଦାନ କରିଛନ୍ତି। ଏ ନେଇ ନୂତନ ଅଧିକାରୀଙ୍କୁ ବିଭିନ୍ନ ସଙ୍ଗଠନ ତରଫରୁ ଶୁଭେଚ୍ଛା ଜଣାଯାଇଛି। ଆଇନଶୃଙ୍ଖଳା ନିୟନ୍ତ୍ରଣ ସହିତ ବିଭିନ୍ନ ସାମାଜିକ କ୍ଷେତ୍ରରେ ଅବହେଳିତ ଲୋକମାନଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଗୁରତ୍ୱ ଦିଆଯିବ ବୋଲି ନୂତନ ଆଇଆଇସି କହିଛନ୍ତି।

## ଟ୍ରାକ୍ଟରରୁ ଖସିପଡ଼ି ଯୁବକ ମୃତ

ଢେଙ୍କାନାଳ,୧୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ମୋଟରୀ ଗ୍ରାମର ଠୁକୁରୁ ପ୍ରଧାନ(୨୫) ଟ୍ରାକ୍ଟର ଚକାତଳେ ପଡି ପ୍ରାଣ ହରାଇଛନ୍ତି। ଇଟା ବୋଝେଇ ପରେ ଟ୍ରାକ୍ଟରରେ ସେ ବସି ଆସୁଥିବା ବେଳେ ଭାରସାମ୍ୟ ହରାଇ ଚକାତଳକୁ ଖସିପଡ଼ିଥିଲେ। ଫଳରେ ଟ୍ରାକ୍ଟର ଚକା ତାଙ୍କ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

# ଭିଜିଲାନ୍ସ ଜାଲରେ କୋଟିପତି ଜେଇ

ପାଲଲହଡା,(ଦିବ୍ୟଜ୍ୟୋତି ଦାଶ)/
ଭୁବନେଶ୍ୱର,୧୮।୧୦(ସତ୍ୟଜିତ୍ ରାଉତ)

**୩ ଜିଲାର ୧୧ ସ୍ଥାନରେ ଚଢ଼ାଉ**

- ଗୋଟିଏ ଫ୍ଲାଟ୍ ସମେତ ୫ କୋଠା, ୨୬ ପ୍ଲଟ୍ ଠାବ
- ଚଢ଼ାଉ ଜାରି, ଆହୁରି ବିପୁଳ ସମ୍ପତ୍ତି ଠାବ ଆଶଙ୍କା

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ଜୁନିୟର ଇଞ୍ଜିନିୟର (ଟେକ୍ନିକାଲ୍ କନ୍‌ସଲ୍‌ଟାଣ୍ଟ) ପ୍ରସନ୍ନ କୁମାର ପାଣି ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ର ୧୧ଟି ଟିମ୍ ପ୍ରସନ୍ନଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ଅନୁଗୋଳ ଓ ପୁରୀ ଜିଲାର ୧୧ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ବହୁ କୋଟିର ସମ୍ପତ୍ତି ଠାବ କରିଛି। ଚଢ଼ାଉ ସ୍ଥାନ ମଧ୍ୟରେ ପ୍ରସନ୍ନଙ୍କ ପାଲଲହଡ଼ା କାନାଲ୍ ରୋଡ୍ ଉଦୟ ବିହାରସ୍ଥିତ ଭଡ଼ାଘର, ବିଇଓ ଅଫିସସ୍ଥିତ ତାଙ୍କ ଚାମ୍ବର, ସୁନ୍ଦରପଦାସ୍ଥିତ ୨ ସମ୍ପର୍କୀୟଙ୍କ ଘର ଓ ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟରେ ରହୁଥିବା ସମ୍ପର୍କୀୟଙ୍କ ଫ୍ଲାଟ୍ ଏବଂ ଗୌରୀଧାମ୍‌ରେ ରହୁଥିବା ବ୍ୟବସାୟିକ ସହଯୋଗୀଙ୍କ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉ ସମୟରେ ସଂଗ୍ରାମଙ୍କଠାରୁ ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ଫ୍ରେଣ୍ଡସ କ୍ଲବ୍ ନିକଟରେ ୩୧୮୬ ବର୍ଗଫୁଟରେ ଥିବା ପ୍ରାୟ ୭୫ ଲକ୍ଷ ଟଙ୍କାର ୩ ମହଲା କୋଠା, ତ୍ରିଲୋଚନ ବିହାର ପ୍ଲଟ୍ ନଂ.୩୬୭ରେ ଥିବା ୨୪୬୮ ବର୍ଗଫୁଟ୍‌ର ୩ ମହଲା କୋଠା, ପ୍ଲଟ୍ ନଂ.୩୬୬ସ୍ଥିତ ୨୮୪୫ ବର୍ଗଫୁଟ୍‌ର ୩ ମହଲା କୋଠା, ସୁନ୍ଦରପଦା ହାଇଟେକ୍ ପ୍ଲାଜା ପ୍ରଥମ ମହଲା ବ୍ଲକ୍-ବି୪ରେ ଥିବା ଫ୍ଲାଟ୍ ନଂ.୧/ବି୪-୦୨, ପୁରୀ ଜିଲା ନିମାପଡ଼ା ଅଁଳାପଡ଼ାସ୍ଥିତ ୩ ମହଲା କୋଠା ଠାବ ହୋଇଛି। ଏଥିସହ ଭୁବନେଶ୍ୱର, କଟକ, ପିପିଲି, ନିମାପଡ଼ା, ଜଙ୍କିଆ ଓ ଜଟଣୀରେ ୨୬ଟି ପ୍ଲଟ୍ ଥିବା ଜଣାପଡିଛି। ପଞ୍ଚାରେ ଏଗୁଡ଼ିକର ମୂଲ୍ୟ ୮୯.୦୨ ଲକ୍ଷ ଟଙ୍କା ଦର୍ଶାଯାଇଥିବା ବେଳେ ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ। ଏନେଇ ଟେକ୍‌ନିକାଲ୍ ଟିମ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ଜମି ଓ ଫ୍ଲାଟ୍ କିଣିବାକୁ ବିଭିନ୍ନ ଡେଭଲପର୍ସ ତଥା ପ୍ରମୋଟର୍ସଙ୍କୁ ଦେଇଥିବା ୪୨.୮୪ ଲକ୍ଷ ଟଙ୍କାର ପ୍ରମାଣ ଭିଜିଲାନ୍ସ ଅଧିକାରୀମାନେ ପାଇଛନ୍ତି। ଏଥିସହ ପ୍ରସନ୍ନଙ୍କ ବ୍ୟାଙ୍କ, ଜୀବନବୀମା ଓ ଅନ୍ୟାନ୍ୟ ଜମା ୬୪.୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୩.୩୩ ଲକ୍ଷ ନଗଦ ଟଙ୍କା, ୩୨ ଲକ୍ଷ ଟଙ୍କାର ୮୩୧.୮୩ ଗ୍ରାମ ସୁନା ଅଳଙ୍କାର, ୧୮.୭୯ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ୪ ବାଇକ୍ ଓ ଅନ୍ୟ ଘରୋଇ ସାମଗ୍ରୀ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ପ୍ରସନ୍ନଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଛି। ଏପରିକି ଠାବ ହୋଇଥିବା ସମ୍ପତ୍ତିର ପରିମାଣ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ

ଭୁବନେଶ୍ୱର, ୧୮।୧୦(ଅସମାପିକା ସାହୁ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ରମୋହନ ପ୍ରଧାନଙ୍କ ନାମରେ ନାମିତ ତାଳଚେରସ୍ଥିତ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଏ ନେଇ ବୁଧବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା। ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ୍(ଏମ୍‌ସିଏଲ୍) ସହଯୋଗରେ ଯଥାଶୀଘ୍ର ଏହି ଡାକ୍ତରଖାନା କାର୍ଯ୍ୟକ୍ଷମ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଓ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ତଥା ଶାସନ ସଚିବଙ୍କ ସମେତ ଅନୁଗୋଳ ଜିଲାପାଳ, ଏମ୍‌ସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଓ ଏମ୍‌ସିଏଲ୍‌ର ଅନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।



## ସହର ସଫେଇ ନେଇ ଆଲୋଚନା

ଅନୁଗୋଳ,୧୮।୧୦(ଅମିତ ସାମଲ)

ଅନୁଗୋଳ ପୌରପାଳିକାର ସଭା କକ୍ଷରେ ବୁଧବାର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନଗରପାଳ ଅକ୍ଷୟ କୁମାର ସାମନ୍ତ, ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ ସମସ୍ତ କାଉନସିଲର ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଡ୍ରେନ ସଫେଇ ହେଉନାହିଁ, ଅନେକ ୱାର୍ଡରେ ପାଣି ଜମି ରହୁଛି, ରାସ୍ତାରେ ଆଲୋକ ବ୍ୟବସ୍ଥା ମଧ୍ୟ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା କାଉନସିଲରମାନେ ଅଭିଯୋଗ କରିଥିଲେ। ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ନଗରପାଳ ଏନେଇ ବିଭାଗୀୟ ଅଧିକାରୀଙ୍କ ସହ କଥା ହେବେ ବୋଲି କହିଥିଲେ। ଜେଇଙ୍କ କାର୍ଯ୍ୟ ସନ୍ତୋଷଜନକ ହେଉ ନ ଥିବାରୁ କାଉନସିଲମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନଗରପାଳ ଏହାର ଉତ୍ତରରେ ଜେଇଙ୍କ ଉପରେ କାମର ଚାପ ଅଧିକ ରହୁଥିବାରୁ ଅନ୍ୟ ଜଣେ ଜେଇ ରଖିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



## ଇଣ୍ଟରସିଟିକୁ ସ୍ୱାଗତ କଲେ ଗ୍ରାମବାସୀ



ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସକୁ ଗ୍ରାମବାସୀ ସ୍ୱାଗତ କରୁଛନ୍ତି।

ବଇଣ୍ଡା,୧୮।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବାମୁର ରେଳ ଷ୍ଟେଶନରେ ବୁଧବାର ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି କରିବା ପରେ ଗ୍ରାମବାସୀ ଏହାକୁ ସ୍ୱାଗତ କରିଛନ୍ତି। ବହୁ ଦିନ ପରେ ଉକ୍ତ ଟ୍ରେନ ବାମୁର ଠାରେ ହଲ୍ଟ କରିଥିବାରୁ ଗ୍ରାମବାସୀ ଟ୍ରେନକୁ ପୂଜାର୍ଚ୍ଚନା କରିଥିଲେ। ଏଥିସହ ଟ୍ରେନ ଚାଳକଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଇଣ୍ଟରସିଟି ଏକ୍ସପ୍ରେସ୍ ବାମୁର ଷ୍ଟେଶନ ଦେଇ ଯାଉଥିଲେ ମଧ୍ୟ ଏଠାରେ ରହୁ ନ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଟ୍ରେନ ଉପରେ ନିର୍ଭର କରୁଥିବା ୧୦ ପଞ୍ଚାୟତର ଲୋକେ ବଇଣ୍ଡା, ରେଢ଼ାଖୋଲ ଷ୍ଟେଶନକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଥିଲେ। ଏହି ଟ୍ରେନ ବାମୁରଠାରେ ରହିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଥିବା ବେଳେ ବୁଧବାର ଏହା ରହଣି କରିଛି। ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ଜଏରାଟ ସରପଞ୍ଚ ବିଜୟ ରଥ, ଧଡରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନ, ଧଉରାପାଲି ସରପଞ୍ଚ ସଞ୍ଜିତ ସାହୁ, ସତ୍ୟାନନ୍ଦ ପ୍ରଧାନ, ଦିଲୀପ ପ୍ରଧାନ, ଅଚ୍ୟୁତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇ ସ୍ୱାଗତ କରିଥିଲେ।

## ସାଉଥବଲଣ୍ଡା ଦୁର୍ଗା ମନ୍ଦିରରେ ନବରାତ୍ରି ପୂଜା

ତାଳଚେର,୧୮।୧୦
(ମନୋଜ ନନ୍ଦ)



ତାଳଚେର ସାଉଥବଲଣ୍ଡାସ୍ଥିତ ମା' ଦୁର୍ଗାଙ୍କ ମନ୍ଦିରରେ ନବରାତ୍ରୀ ପୂଜାର ଚତୁର୍ଥ ଦିନରେ ବୁଧବାର ମା' କୁଷ୍ମାଣ୍ଡ ବେଶରେ ପୂଜା ପାଉଛନ୍ତି। ପ୍ରାତଃ କାଳରୁ କଳସ ପୂଜା, ସୂର୍ଯ୍ୟ ପୂଜା, ଗୋ-ପୂଜା ଷୋଡଶ ଉପଚାରରେ ପୂଜା, ଚଣ୍ଡୀ ପାଠ ଓ ଯଜ୍ଞ ହୋଇଥିଲା। ନବରାତ୍ରିର ଚତୁର୍ଥ ଦିନରେ ମା'ଙ୍କୁ କୁଷ୍ମାଣ୍ଡ ବେଶରେ ସଜ୍ଜିତ କରାଯାଇଥିଲା। ମା'ଙ୍କୁ ବିଭିନ୍ନ ପ୍ରକାର ଭୋଗ ଲାଗି ସହ ସମସ୍ତ ପ୍ରକାର ନୀତିକାନ୍ତି ପାଳନ ହେଉଛି। ପ୍ରତ୍ୟେକ ସନ୍ଧ୍ୟା ଆଳତି ସମୟରେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଭକ୍ତ ମା' ଙ୍କୁ ଦର୍ଶନ କରୁଛନ୍ତି। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ, ବିରଞ୍ଚି ନାରାୟଣ ପଣ୍ଡା, ଉପେନ୍ଦ୍ର କୁମାର ପଣ୍ଡା ପୂଜାର୍ଚ୍ଚନା କରୁଛନ୍ତି। କର୍ତ୍ତା ଭାବେ ଯତୀନ ମିଶ୍ର, ମମତା ମିଶ୍ର କାର୍ଯ୍ୟ ତୁଲାଉଛନ୍ତି। ସଭାପତି ପ୍ରଦୀପ ବିଶ୍ୱାଳ, ସମ୍ପାଦକ କେଶବ ମିଶ୍ର, ଦୁଃଖବନ୍ଧୁ ସାହୁ, ଅମୂଲ୍ୟ ସାହୁ, ବସନ୍ତ ପରି ପ୍ରମୁଖ ପରିଚାଳନା କରୁଛନ୍ତି।

## ଜିଲାସ୍ତରରେ ଭାଗନେବେ ୩୪ ପ୍ରତିଯୋଗୀ

କଣିହାଁ,୧୮।୧୦(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ପବିତ୍ରମୋହନ ହାଇସ୍କୁଲଠାରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପାଲଲହଡା ବିଧାୟକ ମୁକେଶ ପାଳ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଂଶୁ ନାୟକ, ଜେଆଇଟିପିଏଲ୍ ଅଧିକାରୀ ପ୍ରଭାତ କୁମାର ବିଶ୍ୱାଳ, ଏଜିଏମ୍ (ସିଏସ୍ଆର୍) ଏନ୍‌ଟିପିସି ରଫିକୁଲ ଇସଲାମ, କଣିହାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାସରଥି ଜେନା ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକରେ ଥିବା ବିଦ୍ୟାଳୟର ୧୭ ଟି କ୍ଲଷ୍ଟର ଉତୀର୍ଣ୍ଣ ୩୫୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୩୪ ଜଣ ଜିଲା ମହୋତ୍ସବ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ନରୋତ୍ତମ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ମଞ୍ଜୁଲୁ ପ୍ରଧାନ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଉତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟ ପ୍ରତିଯୋଗିତା ଅବସରରେ ମଞ୍ଚାସୀନ ଅତିଥିମାନେ।

## ଚୋରି ତାର ସହ ବାଇକ୍ ଜବତ

ଛେଣ୍ଡିପଦା,୧୮।୧୦(ଅଜିତ ଧଳ)

ଛେଣ୍ଡିପଦାସ୍ଥିତ ୩୩/୧୧ କେଭି ବିଦ୍ୟୁତ୍ ସବଷ୍ଟେଶନରୁ ପୁରୁଣା ଆଲୁମିନିୟମ ତାର ଚୋରି ହେଉଥିବା ବେଳେ ତାର ସହ ବାଇକ୍‌କୁ ବିଦ୍ୟୁତ୍ କର୍ମଚାରୀମାନେ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଥାନାରେ ଲିଖିତ ହୋଇଛି। ପୋଲିସ କହିଛି, ପୁରୁଣା ତାର ବଣ୍ଡଲ ଗୁଡିକୁ ଦୁର୍ବୃତ୍ତମାନେ ବାଇକରେ ନେଇ ପଳାଇ ଯାଉଥିବା ବେଳେ ଲାଇନ ମ୍ୟାନ ସୁରପ୍ରତାପ ସାହୁ ଦେଖି ପାଟି କରିଥିଲେ। ଏହାଦେଖି ଦୁର୍ବୃତ୍ତମାନେ ବାଇକ୍ ଛାଡି ଫେରାର ହୋଇ ଯାଇଥିଲେ। ଯନ୍ତ୍ରୀ ଜିତେନ କୁମାର ସାହୁ ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ତାହାକୁ ଜବତ କରିଥିଲେ।

## ମଦମୁକ୍ତ ଅଞ୍ଚଳ ପାଇଁ କରୁଛନ୍ତି ସଚେତନ

**ଦୀର୍ଘ ୯ ବର୍ଷ ହେଲା ସାଇକେଲରେ ଗାଁ ବୁଲୁଛନ୍ତି ଗଙ୍ଗାଧର**

ବଇଣ୍ଡା,୧୮।୧୦(ପରିକ୍ଷିତ ସାହୁ)

ଓଡ଼ିଶା କିଭଳି ମଦମୁକ୍ତ ହେବ ଓ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବ ସେ ନେଇ ଦୀର୍ଘ ୯ ବର୍ଷ ହେଲା ସାଇକେଲ ବୁଲି ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ଗୌତମପୁର ଅଞ୍ଚଳର ଗଙ୍ଗାଧର ଦନ୍ତା (୭୭)। ବୁଧବାର ସେ କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ପହଞ୍ଚିବା ପରେ ତାଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେ ଅଞ୍ଚଳବାସୀଙ୍କୁ ଗାନ୍ଧିଜୀଙ୍କ ଆଦର୍ଶ ସମ୍ପର୍କରେ କହିବା ସହ ମଦମୁକ୍ତ ଅଞ୍ଚଳ ଗଠନ ପାଇଁ ନିବେଦନ କରିଥିଲେ। ଗଙ୍ଗାଧର କହିଛନ୍ତି, ବର୍ତ୍ତମାନ ଯୁଗରେ ମଧ୍ୟ ଲୋକେ ଅହିଂସାକୁ ଆପଣାଉଛନ୍ତି। ତେବେ ଅନେକ ଗ୍ରାମରେ ଏବେ ଅବାଧ ମଦ କାରବାର ହେଉଛି। ଯୁବପିଢ଼ି ଏଥିପାଇଁ ବିଶୃଙ୍ଖଳିତ ହେଉଛନ୍ତି। ଗ୍ରାମାଞ୍ଚଳରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ, ନାରୀ ନିର୍ଯାତନା, ଗୁଣିଗାରେଡି, ଅନ୍ଧ ବିଶ୍ୱାସ ବୃଦ୍ଧି ପାଉଛି। ଏଥିପ୍ରତି ସଚେତନ ହୋଇ କିଭଳି ଏହି ଅପରାଧରୁ ଦୂରେଇ ରହିବେ ସେ ନେଇ ଅଞ୍ଚଳବାସୀଙ୍କୁ ସଚେତନ କରିବା ତାଙ୍କର ଉଦ୍ଦେଶ୍ୟ। ଇତିମଧ୍ୟରେ ସେ କୋରାପୁଟ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ସମ୍ବଲପୁର, ବରଗଡ଼, ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳ ସାଇକେଲ ମାଧ୍ୟମରେ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିବା ଗଙ୍ଗାଧର ପ୍ରକାଶ କରିଛନ୍ତି।



ଅଞ୍ଚଳବାସୀଙ୍କୁ ଗଙ୍ଗାଧର ସଚେତନ କରୁଛନ୍ତି।

## 'ପ୍ରତିଭା ବିକାଶ ପାଇଁ ସୁରଭି ଭଲ ମାଧ୍ୟମ'

ଆଠମଲ୍ଲିକ,୧୮।୧୦(ଉଦୀପ୍ତ ପୁରୋହିତ)

ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ରଣା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀ, ବିଆରସିସି ଛବି ନାରାୟଣ ସିଂ, ପ୍ରଧାନ ଶିକ୍ଷକ ଜୟନ୍ତ ମାହାର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ଶିଶୁ ମହୋତ୍ସବ ସୁରଭି ଏକ ଭଲ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ସ୍କୁଲର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସତ୍ୟରଞ୍ଜନ ଜେନା, ଶିକ୍ଷକ ପ୍ରଦୀପ ବାହୁକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଆର୍‌ସିସି ତିଲୋତ୍ତମା ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ମହେନ୍ଦ୍ର ସିଂ, ଆଦିତ୍ୟ କୁମାର ସାହୁ, ପ୍ରଦୀପ ସେଠୀ, ମନୋଜ ପାତ୍ର, ଲୋକନାଥ ସାହୁ, ସଦାଶିବ ଦଳବେହେରା, ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ସ୍ୱାଗତିକା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## କ୍ରୀଡ଼ା ପ୍ରତି ମନବଳାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ବଇଣ୍ଡା,୧୮।୧୦(ପରିକ୍ଷିତ ସାହୁ)

କ୍ରୀଡ଼ା ପାଇଁ ଆମ ରାଜ୍ୟ ବିଦେଶରେ ନାଁ କରିଛି। ଓଡିଶାରୁ କିପରି ଅଧିକରୁ ଅଧିକ ପ୍ରତିଭା ସୃଷ୍ଟି ହୋଇପାରିବେ ସେ ନେଇ ଓଡ଼ିଶା ସରକାର ବହୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ପୁରସ୍କାର ରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରୁଛନ୍ତି। ତେଣୁ ଛାତ୍ରୀଛାତ୍ରମାନେ କ୍ରୀଡ଼ା ପ୍ରତି ମନ ବଳାଇଲେ ସେମାନେ ନିଜର ପରିଚୟ ସୃଷ୍ଟି କରିପାରିବ ବୋଲି ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ଡିଗ୍ରୀ ଜନତା ମହାବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଖେଳପଡିଆଠାରେ ଅନୁଷ୍ଠିତ ଉକ୍ତ କ୍ରୀଡା ପ୍ରତିଯୋଗିତାକୁ ମଙ୍ଗଳବାର ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ବୁଧବାର ଏହି କ୍ରୀଡ଼ା ଉଦ୍‌ଯାପିତ ହୋଇଥିଲା। ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନ୍ୟତମ ଅତିଥି ଭାବେ ବଇଣ୍ଡା ଷ୍ଟେଟ ବ୍ୟାଙ୍କ ପରିଚାଳକ ସତ୍ୟ ପ୍ରକାଶ ସାହୁ, ଖବରଦାତା ପରିକ୍ଷିତ ସାହୁ, ସଞ୍ଜୟ ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏଥିରେ ଦୌଡ଼, ଲମ୍ଫଡିଆଁ, ଉଚ୍ଚ ଡିଆଁ, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗର ସନ୍ଧ୍ୟାରାଣୀ ନାୟକ ଓ ବାଳକ ବିଭାଗର ମୁକେଶ ପ୍ରଧାନ ଚାମ୍ପିୟନ ହୋଇଥିଲେ। ଏହି କ୍ରୀଡାଗୁଡିକକୁ ଅବସରପ୍ରାପ୍ତ ଖେଳ ଶିକ୍ଷକ ବିଜୟ ପ୍ରଧାନ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଅଧ୍ୟାପକ ନିରଞ୍ଜନ ଦାସ ଓ ଅଧ୍ୟାପିକା ସୁମିତ୍ରା ସ୍ୱାଇଁ ପରିଚାଳନା କରିଥିଲେ। ଅଧ୍ୟାପକ ଅସିତ କୁମାର ଜେନା, ଅଧ୍ୟାପିକାମାନେ ସହଯୋଗ କରିଥିଲେ।



ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## ନିର୍ମାଣ ସରିଛି, ହେଉନି ବିଲ୍ ପାସ୍

**କାମାକ୍ଷାନଗର,୧୮।୧୦(ଅମଜାଦ୍ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କୋଟଗରା ପଞ୍ଚାୟତରେ ଗ୍ରାମବାସୀଙ୍କ ଦ୍ୱାରା କରାଯାଇଥିବା ସିମେଣ୍ଟ କଂକ୍ରିଟ ରୋଡ୍‌ର ବିଲ୍ ପାସ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି, କୋଟଗରା ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶରେ ଏକ ସିମେଣ୍ଟ କଂକ୍ରିଟ ରୋଡ ୫ ଲକ୍ଷ ଟଙ୍କା ବ୍ୟୟରେ ଭୋଇ ସାହି ଠାରୁ ସୁନ୍ଦରପଡା ସାହି ପର୍ଯ୍ୟନ୍ତ ନିର୍ମାଣ ହୋଇଥିଲା। ସେହିପରି ଅନ୍ୟ ଏକ କଂକ୍ରିଟ ରୋଡ୍ ୪ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମବାସୀଙ୍କ ଦ୍ୱାରା ନିର୍ମାଣ ହୋଇଥିଲା। ୮ ମାସ ବିତିଯାଇଥିଲେ ହେଁ ବିଲ୍ ପାସ ହୋଇପାରୁ ନାହିଁ। ଗ୍ରାମବାସୀ କରଜ କରି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ କନିଷ୍ଠ ଯନ୍ତ୍ରୀ ଏବଂ ବ୍ଲକ ଚେୟାରମ୍ୟାନଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ତେଣୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଛନ୍ତି, କାର୍ଯ୍ୟର ମେଜେରମେଣ୍ଟ କରାଯାଇ ୭ ଦିନ ମଧ୍ୟରେ ବିଲ୍ ପେମେଣ୍ଟ କରାଯିବ।

# ଢେଙ୍କାନାଳକୁ ସରକାର ଦେଲେ ଗଜଦଣ୍ଡ



ଢେଙ୍କାନାଳକୁ ଆସିଥିବା ଗଜଦଣ୍ଡକୁ ବୈଠକରେ ପ୍ରଦର୍ଶନ କରାଯାଉଛି।

- ହାତୀ ସୁରକ୍ଷାର ପ୍ରତୀକ ଭାବେ ସଚେତନତା କାର୍ଯ୍ୟକ୍ରମରେ ହେବ ପ୍ରଦର୍ଶନ
- ମଣିଷ-ବନ୍ୟପ୍ରାଣୀ ବିବାଦର ସମାଧାନ ପାଇଁ ପ୍ରୟାସ ଆରମ୍ଭ
- ଗଠନ କରାଯିବ କମିଟି, ଜିଲାପାଳ ରହିବେ ଅଧ୍ୟକ୍ଷ



**ଢେଙ୍କାନାଳ,୧୮।୧୦(ରତନ ନାୟାର)**

ଢେଙ୍କାନାଳ ଜିଲାରେ ହାତୀ-ମଣିଷ ମଧ୍ୟରେ ବିବାଦ ବଢ଼ିଚାଲିଛି। ଏପରି କି ଏହି ବିବାଦରେ ସାରା ରାଜ୍ୟରେ ଢେଙ୍କାନାଳ ଜିଲା ଆଗରେ ରହିଛି। ଏହାକୁ ନେଇ ଅନେକ ସମୟରେ ଜିଲାର ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଧୀର ଧୀରେ ଏହା ପ୍ରଶାସନ, ପୋଲିସ ଓ ବନବିଭାଗର ମୁଣ୍ଡ ବ୍ୟଥା ବଢ଼ାଉ ଥିବାରୁ ଏପରି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ହାତୀଙ୍କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଢେଙ୍କାନାଳ ଜିଲାକୁ ପ୍ରଥମେ ଗଜଦଣ୍ଡ ଯୋଗାଇ ଦିଆଯାଇଛି। ଏହାକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ପ୍ରଦର୍ଶନ କରାଯିବ। ପରେ ଏହି ଗଜଦଣ୍ଡ ଅନ୍ୟ ଜିଲାକୁ ଯିବ।

ଢେଙ୍କାନାଳ ଜିଲାରେ ବଢୁଥିବା ହାତୀ-ମଣିଷ ବିବାଦର ସମାଧାନ ଉଦ୍ଦେଶ୍ୟରେ ବୁଧବାର ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଥିଲେ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ହାତୀ-ମଣିଷ ମଧ୍ୟରେ ଦେଖାଦେଉଥିବା ବିବାଦର ସମାଧାନ ପାଇଁ ଏକ କମିଟି ଗଠନ କରାଯିବ। ଏହାର ଅଧ୍ୟକ୍ଷ ଜିଲାପାଳ ରହିବେ। ପୋଲିସ ବିଭାଗର ସହଭାଗିତାରେ ବନବିଭାଗ ଓ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଜନସାଧାରଣ ମିଳିତ ଭାବେ ସମସ୍ତ ସମସ୍ୟାର ସମାଧାନ କରିବେ। ପ୍ରତି ମାସରେ ଏହି କମିଟିର ବୈଠକ ବସିବ। ଆସନ୍ତା ୨୦ ତାରିଖରୁ ନଭେମ୍ବର ୨୦ ପର୍ଯ୍ୟନ୍ତ ଏକମାସ ଧରି ବନ୍ୟପ୍ରାଣୀ-ମଣିଷ ବିବାଦର ସମାଧାନ ପାଇଁ ଜିଲାରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହେଉଛି, ହାତୀ ଆକ୍ରମଣରେ ଯେପରି କାହାର ଜୀବନହାନି ହେବ ନାହିଁ। ତେଣୁ ଏ ଦିଗରେ ସମସ୍ତେ ଯତ୍ନବାନ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇ ହାତୀର ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରଥମେ ଢେଙ୍କାନାଳ ଜିଲାକୁ ପ୍ରଦାନ କରାଯାଇଥିବା ଗଜଦଣ୍ଡ ପ୍ରଦର୍ଶନ କରିଥିଲେ। ଏହି ଗଜଦଣ୍ଡ ୧୫ଦିନ ଢେଙ୍କାନାଳ ଜିଲାରେ ରହି ସଚେତନତା କାର୍ଯ୍ୟକ୍ରମରେ ପ୍ରଦର୍ଶନ କରାଯିବ। ପରେ ଏହା ଅନ୍ୟ ଜିଲାକୁ ଯିବ। ଏହି ବୈଠକରେ ଉପସ୍ଥିତ ଚାଷୀ ଓ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ହାତୀ ଉପଦ୍ରବ ଦ୍ୱାରା ଜିଲାରେ ଫସଲହାନି ଓ ଲୋକଙ୍କ ଜୀବନହାନି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଯୋଗଦେଇ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଲେ, ହାତୀ ପରିବେଶର ଏକ ଅଙ୍ଗ। ତେଣୁ ଜନବସତିକୁ ଆସୁଥିବା ହାତୀଙ୍କୁ ନିଜେ ନ ତଡ଼ି କିମ୍ବା ନ ଚିଡାଇ ବନବିଭାଗକୁ ଖବର ଦେବାକୁ ପରାମର୍ଶ ଦେଇଥିଲେ। ଢେଙ୍କାନାଳ ଜିଲାର ମୁଖ୍ୟତଃ ଓଡ଼ାପଡ଼ା, ହିନ୍ଦୋଳ ଓ ଗଁନ୍ଦିଆ ବ୍ଲକ ଅଞ୍ଚଳରେ ହାତୀମାନଙ୍କ ଅଧିକ ଚଳପ୍ରଚଳ ଦେଖାଯାଉଛି। ତେଣୁ ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସାଇରନ, ସୋଲାର ଫେନ୍ସିଂ ବ୍ୟବସ୍ଥା କରାଯାଇଛି। ଫଳରେ ଲୋକମାନେ ନିଜକୁ ହାତୀ ଆକ୍ରମଣରୁ ରକ୍ଷା କରିପାରିବେ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଥିଲେ। ଏହି ବୈଠକରେ ଜିଲା ପ୍ରଶାସନ, ପୋଲିସ ବିଭାଗ ଓ ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ ।

## କେନାଲରେ ବୁଡ଼ି ବୃଦ୍ଧ ମୃତ, ସ୍ତ୍ରୀଙ୍କ ମିଳୁନି ପତ୍ତା

**ଢେଙ୍କାନାଳ,୧୮।୧୦ (ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ପଞ୍ଚୁପଟି ଗ୍ରାମର ଦୁଃଶାସନ ସାହୁ(୭୦)ଙ୍କ କେନାଲରେ ବୁଡ଼ି ମୃତ୍ୟୁ ହୋଇଛି। ତାଙ୍କ ସ୍ତ୍ରୀ ପଦ୍ମବତୀ ସାହୁ(୬୫) ନିଖୋଜ ଥିବାରୁ ପାରିବାରିକ ବିବାଦରୁ ଦୁଃଶାସନ କେନାଲକୁ ଡେଇଁ ପଡ଼ିଥିବା ଆଲୋଚନା ହେଉଛି। ସେହିପରି ଅନ୍ୟ କେତେଜଣ ଦୁଃଶାସନ ଗାଧୋଇବା ବେଳେ ବୁଡ଼ି ଯାଇଥିବା କହୁଛନ୍ତି। ସ୍ଥାନୀୟ ଲୋକେ କେନାଲରୁ ଦୁଃଶାସନକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁଃଶାସନ ପୋଲିସ ହାବିଲଦାର ଚାକିରିରୁ ଅବସର ନେଇଥିବା ସୂଚନା ମିଳିଛି। ସେହିପରି ତାଙ୍କ ସ୍ତ୍ରୀ ପଦ୍ମାବତୀ କେଉଁଆଡେ ପଳାଇଛନ୍ତି କିମ୍ବା କେନାଲକୁ ଡେଇଁପଡିଛନ୍ତି, ତାହା ମଧ ସ୍ପଷ୍ଟ ହୋଇନାହିଁ। ଏ ନେଇ ପୋଲିସ ତଦନ୍ତ ଚଳାଇଥିବା ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ଗୁରୁବାର ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ କେନାଲରେ ପଦ୍ମାବତୀଙ୍କୁ ଖୋଜାଖୋଜି କରାଯିବ ବୋଲି ଜଣାପଡିଛି।

# ଦୃଢ଼ ଇଚ୍ଛାଶକ୍ତି ସଫଳତାର ଚାବିକାଠି

**ସାତମାଇଲ, (ସୁଶାନ୍ତ କୁମାର ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ 'ନବୀନ ବରଣ ଓ ପ୍ରତିଭା ସମ୍ମାନ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳା ଓ ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ସ୍ନାତକ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଓ ପୁସ୍ତକ ଦେଇ ସ୍ୱାଗତ କରାଯାଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଆ ବିଭାଗର ପ୍ରାକ୍ତନ ଛାତ୍ରୀ କୌଶଲ୍ୟା ଦେହୁରୀ, ପ୍ରୀତିରେଖା ସାହୁ, ସୋନାଲି ବିଶ୍ୱାଳ, ଲିପ୍ସାରାଣୀ ଦାଶ, ସ୍ୱପ୍ନଦୀପା ବେହେରା, ପୂଜାରାଣୀ ଭୂତିଆ, ସଙ୍ଗୀତା ନାଏକ ଓ ଶୁଭସ୍ମିତା ଲେଙ୍କାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ମଙ୍ଗରାଜ ମହାପାତ୍ର ଓ ଅଧ୍ୟାପିକା ସନ୍ଧ୍ୟାରାଣୀ ବେହେରା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ପାଇଁ ମାର୍ଗଦର୍ଶନ କରାଇଥିଲେ। ସମ୍ପାଦିକା ସ୍ୱର୍ଣ୍ଣଲତା ବେହେରା ପାଠଚକ୍ର ପରିଚାଳନା କରିଥିଲେ। ପାଠଚକ୍ର ଅଧିକାରୀ ଡ. ଦେବାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ନାତକ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର, ଗଗନ ମହାପାତ୍ର, ସଂଗ୍ରାମ ମହାପାତ୍ର, ବିଶ୍ୱଜିତ୍ ସାହୁ, ପ୍ରୀତି ପଟ୍ଟନାୟକ, ଜ୍ୟୋତି ପଟ୍ଟନାୟକ, ସୁଶ୍ରୀ ସଙ୍ଗୀତ ସାହୁ ପ୍ରମୁଖ ସହଯୋଗ କରିଥିଲେ।


'ନବୀନ ବରଣ ଓ ପ୍ରତିଭା ସମ୍ମାନ ଉତ୍ସବ' ଅବସରରେ ମଞ୍ଚାସୀନ ଅତିଥିମାନେ।

# ୫୬୧ ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ

**୩ କୋଟି ୪୭ ଲକ୍ଷ ୯୭ ହଜାର ଟଙ୍କା ପ୍ରଦାନ**

**ଢେଙ୍କାନାଳ,୧୮।୧୦(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ କୁମାର ସେଠୀ, ଗଁନ୍ଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଓ ଶ୍ରମ ଆୟୁକ୍ତ ମୋନାଲିସା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୫୬୧ ହିତାଧିକାରୀଙ୍କୁ ୩ କୋଟି ୪୭ ଲକ୍ଷ ୯୭ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ୪୭୫ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର, ୭୫ଜଣଙ୍କୁ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଅଧୀନରେ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ୩୬୪ ହିତାଧିକାରୀଙ୍କୁ ବିବାହ ସହାୟତା ରାଶି ବାବଦକୁ ୧ କୋଟି ୮୦ ଲକ୍ଷ ୫୦ ହଜାର ଟଙ୍କା, ୮୨ ହିତାଧିକାରୀଙ୍କ ମୃତ୍ୟୁକାଳୀନ ସହାରାଶି ବାବଦକୁ ୧ କୋଟି ୬୧ ଲକ୍ଷ ଟଙ୍କା, ୭୧ ହିତାଧିକାରୀଙ୍କ ଅନ୍ତେଷ୍ଟିକ୍ରିୟା ଜନିତ ସହାୟତା ରାଶି ୩ଲକ୍ଷ ୫୫ ହଜାର ଟଙ୍କା ଏବଂ ୪୪ ଜଣଙ୍କୁ ଶିକ୍ଷା ସହାୟତା ରାଶି ବାବଦକୁ ୨ଲକ୍ଷ ୯୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ, ସହକାରୀ ଶ୍ରମ ଅଧିକାରୀ ହଳଧର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନେ ଜଣେ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ କରୁଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ

**କାମାକ୍ଷାନଗର,୧୮।୧୦(ଅମଜାଦ୍ ଖାନ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ ତମ ଜନ୍ମଦିନ ଅବସରରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଁଳାବେରଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ 'ଯୁବଶକ୍ତି' ସମର୍ପିତ ଓଡ଼ିଶା ପକ୍ଷରୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବଶକ୍ତିର ଅଧ୍ୟକ୍ଷ ତଥା ପରଜଙ୍ଗ ନିର୍ବାଚନମଣ୍ଡଳୀର ବିଜେଡି ଯୁବନେତା ହିମାଂଶୁ ଭୂଷଣ ବାରିକ ଯୋଗଦେଇ ମେଡିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପର୍ଶୁରାମ ମହାଭୋଇ, ସୌମ୍ୟ ରଞ୍ଜନ ନାୟକ, ପଦ୍ମନାଭ ଦାସ ଏବଂ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।



# ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ



**ଭୁବନ,୧୮।୧୦(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଅଗ୍ନିଶମ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅଗ୍ନିନିରାପତ୍ତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନ ଅଗ୍ନିସେବା ସଂସ୍ଥାର ଅଫିସର ମନୋରଞ୍ଜନ ବିଶ୍ୱାଳ, ମୁଖ୍ୟ ଆଗ୍ନିକ ମଧୁସୂଦନ ମହାନ୍ତି, ଆଗ୍ନିକ ଅମରଜିତ୍ ପ୍ରଧାନ, ଆଶିଷ କୁମାର ପୃଷ୍ଟି, ସୁଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଥିବା ଅଗ୍ନି ନିରାପତ୍ତା ଯନ୍ତ୍ର ବ୍ୟବହାର କରିବା ସହିତ ସମସ୍ତ ଛାତ୍ରୀଛାତ୍ର ଅଗ୍ନିକାଣ୍ଡରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ପରେ ମକ୍‌ଡ୍ରିଲ କରାଯାଇଥିଲା। ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ଶ୍ରୀକ୍ଷେତ୍ର ବୁଲାଇଲେ ସାମାଜିକ କର୍ମୀ

**କାମାକ୍ଷାନଗର,୧୮।୧୦(ଅମଜାଦ୍ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଆଳତୁମା ଗ୍ରାମର ସାମାଜିକ କର୍ମୀ ହିମାଦ୍ରୀ ଦାସ ଅଞ୍ଚଳର ୩ଜଣ ବରିଷ୍ଠ ନାଗରିକଙ୍କୁ ନିଜ ଖର୍ଚ୍ଚରେ ଶ୍ରୀକ୍ଷେତ୍ର ପୁରୀକୁ ନେଇ ଜଗନ୍ନାଥ ଦର୍ଶନ କରାଇଛନ୍ତି। ବାଉଁଶପାଳ ପଞ୍ଚାୟତ କୁଷିଆ ଗାଁର ବରିଷ୍ଠ ନାଗରିକ ବୈଦଭୂଷଣ କବିରାଜ ସଦାଶିବ ରାଉଳ (୯୦), ଗୋପାଳି ସାସମଲ (୮୧) ଏବଂ ଶେଷଦେବ ରାଉଳ (୮୬)ଙ୍କୁ ଶ୍ରୀକ୍ଷେତ୍ର ଧାମରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରାଇଥିବା ହିମାଦ୍ରୀ କହିଛନ୍ତି। ହିମାଦ୍ରୀଙ୍କ ଏପରି ମହତ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।


ବରିଷ୍ଠ ନାଗରିକଙ୍କ ସହ ସାମାଜିକ କର୍ମୀ ହିମାଦ୍ରୀ ଦାସ।

## ସୁନାମ ଆଣିଲେ ୩ ଛାତ୍ରୀ

**କାମାକ୍ଷାନଗର,୧୮।୧୦(ଅମଜାଦ୍ ଖାନ)**

ଢେଙ୍କାନାଳ ବି.ବି. ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ ପ୍ରତିଯୋଗିତାରେ କାମାକ୍ଷାନଗର ମହିଳା ମହାବିଦ୍ୟାଳୟର ୩ ଛାତ୍ରୀ ସମୀକ୍ଷା ମହାରଣା, ଶୁଭସ୍ମିତା କଅଁର ଓ ସ୍ୱର୍ଣ୍ଣପ୍ରିୟା ସାହୁ(ଦିବ୍ୟାଙ୍ଗ) କୃତିତ୍ୱ ହାସଲ କରି କଲେଜ ପାଇଁ ସୁନାମ ଅର୍ଜନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀମାନଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ନିଗମାନନ୍ଦ ସାହୁ ମହାବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୩ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିମଳ ଚନ୍ଦ୍ର ବିଶ୍ୱାଳ, ତରୁଣ ବଜାର ସମ୍ପାଦକ ବିନୋଦ ବିହାରୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।




### ବିଜେଡି ନେତାଙ୍କୁ ଗୁଳିମାଡ଼ ମାମଲା

## ଗିରଫ ଅଭିଯୁକ୍ତ ରିମାଣ୍ଡରେ

**ଢେଙ୍କାନାଳ,୧୮।୧୦(ରତନ ନାୟାର)**

କାମାକ୍ଷାନଗର ଥାନା ଅଞ୍ଚଳର ବିଜେଡି ନେତା କାହ୍ନୁଚରଣ ସାହୁଙ୍କ ଉପରକୁ ଗୁଳିମାଡ ମାମଲାରେ ଗିରଫ ଅଭିଯୁକ୍ତ ହଣ୍ଡ ଓରଫ ଦେବାଶିଷ ବେହେରାଙ୍କୁ ବୁଧବାର ଢେଙ୍କାନାଳ ଟାଉନ ଥାନା ପୋଲିସ ଅଧିକ ତଦନ୍ତ ପାଇଁ ୨ ଦିନିଆ ରିମାଣ୍ଡରେ ଆଣିଛି। ଗତ ଡିସେମ୍ବର ୨୮ରେ କାହ୍ନୁଚରଣ ଢେଙ୍କାନାଳ ପୂର୍ତ୍ତବିଭାଗ କାର୍ଯ୍ୟାଳୟକୁ କାର୍‌ରେ ଆସିଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ କରିଥିଲେ। ସୌଭାଗ୍ୟକ୍ରମେ କାହ୍ନୁଚରଣ ବର୍ତ୍ତି ଯାଇଥିଲେ। ଏ ନେଇ ନଂ. ୭୧୦/୨୨ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଦେବାଶିଷ କାମାକ୍ଷାନଗର ଅଦାଲତରେ ଆତ୍ମସମର୍ପଣ କରିଥିଲେ। ଅଧିକ ତଦନ୍ତ ପାଇଁ ଦେବାଶିଷଙ୍କୁ ୨ ଦିନ ରିମାଣ୍ଡରେ ଆଣିବା ପାଇଁ ଟାଉନ ଥାନା ପୋଲିସ ଢେଙ୍କାନାଳ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଆବେଦନ କରିଥିଲେ।

# ଜିଲାର ଗୌରବ ବଢ଼ାଇବାକୁ ପରାମର୍ଶ

**ଜିଲାସ୍ତରୀୟ ବାଳିକା ହକି ପ୍ରତିଯୋଗିତା**

**ଢେଙ୍କାନାଳ,୧୮।୧୦(ରତନ ନାୟାର)**

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଜିଲାସ୍ତରୀୟ ବାଳିକା ହକି ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ପ୍ରତିଯୋଗିତାକୁ ଜିଲାପାଳ ସରୋଜ କୁମାର ସେଠୀ ଉଦ୍‌ଘାଟନ କରି ପାଠ ପଢ଼ିବା ଓ ଖେଳକୁଦ ଜରିଆରେ ନିଜକୁ ଫିଟ୍ ରଖିବା ସହିତ ଜିଲାର ଗୌରବ ବଢ଼ାଇବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ସମସ୍ତ ହକି ଖେଳାଳିଙ୍କୁ ହକି ଷ୍ଟିକ୍ ପ୍ରଦାନ କରିଥିଲେ। ସୁଲକ୍ଷଣା ଦେବୀ, କଳ୍ପନା ଦାଶ, ନନ୍ଦିନୀ ଶତପଥୀ ଏବଂ ରାଣୀ ରତ୍ନପ୍ରଭା ଦେବୀଙ୍କ ନାମରେ ନାମିତ ୪ଟି ହକି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫାଇନାଲରେ ରାଣୀ ରତ୍ନପ୍ରଭା ଦେବୀ ଦଳ, କଳ୍ପନା ଦାଶ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ପୁରସ୍କୃତ କରାଯିବା ସହିତ ସମସ୍ତ ଖେଳାଳିଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ସଦସ୍ୟା କୃଷିଦା ବେଗମ, ଗୀତାଶ୍ରୀ ପଣ୍ଡା, କିଶୋର ନ୍ୟାୟ ପରିଷଦ ସଦସ୍ୟ ଶକ୍ତିପ୍ରଦ ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଓ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଖେଳାଳି ଓ ଅନ୍ୟମାନେ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଦୁର୍ବ୍ୟବହାର ଭିଡିଓ ଭାଇରାଲ

ବଇଣ୍ଡା,୧୮।୧୦
(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଜଙ୍ଗଲରେ କେତେଜଣ ଯୁବକ ଦୁର୍ବ୍ୟବହାର କରିଥିବା ଭିଡିଓ ଭାଇରାଲ ହୋଇଛି। ସମ୍ପୃକ୍ତା ଛାତ୍ରୀଙ୍କ ହାତ ଧରି ଯୁବକମାନେ ଦୁର୍ବ୍ୟବହାର କରୁଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଛାତ୍ରୀ ଜଣଙ୍କୁ ଜଙ୍ଗଲରେ ଏକୁଟିଆ ଦେଖି ଯୁବକମାନେ ଏପରି ଦୁର୍ବ୍ୟବହାର କରିଥିଲେ। ଏପରିକି ତାଙ୍କ କଲେଜ ପରିଚୟ ପତ୍ର ଛଡାଇ ନେଇଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ହଣ୍ଡପା କିମ୍ବା କିଶୋରନଗର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ବେକାରଙ୍କୁ ନିଯୁକ୍ତି ଦାବିରେ ବିକ୍ଷୋଭ

ଅନୁଗୋଳ,୧୮।୧୦ (ଅମିତ କୁମାର ସାମଲ)

ଅଲ୍ ଇଣ୍ଡିଆ ଡିୱାଇଓ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନକ୍ରମେ ଅନୁଗୋଳ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ଖଣିଖାଦାନ ସହ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ଅନୁଗୋଳ ଜିଲାରେ ପ୍ରତିଷ୍ଠିତ ଖଣି ଓ କାରଖାନାଗୁଡିକରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଯୁବତୀ ଯୁବକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା, ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା, ନିଯୁକ୍ତି ମିଳିବା ପର୍ଯ୍ୟନ୍ତ ସମସ୍ତଙ୍କୁ ବେକାରୀ ଭତ୍ତା ପ୍ରଦାନ, ସ୍ଥାୟୀ ଭିତ୍ତିରେ କନିଷ୍ଠ ଶିକ୍ଷକ ନିଯୁକ୍ତି କରିବା, ବିଦ୍ୟୁତ୍ ସେବା କ୍ଷେତ୍ରରେ ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରି-ପେଡ୍ ମିଟର ବ୍ୟବସ୍ଥା ନିଷ୍ପତ୍ତି ବାତିଲ କରିବା, ମଦ, ଡ୍ରଗ୍ସ, ବ୍ରାଉନ୍ ସୁଗାର ଭଳି ମାରାତ୍ମକ ନିଶାଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସହ ଅଶ୍ଳୀଳତାର ପ୍ରସାର ବନ୍ଦ କରିବା, ତାଳଚେର ମେଡିକାଲ



ଅଲ୍ ଇଣ୍ଡିଆ ଡିୱାଇଓ ଅନୁଗୋଳ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଲେଜକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ହାତୀ ଓ ବନ୍ୟଜନ୍ତୁ ଦାଉରୁ ଧନଜୀବନ ସୁରକ୍ଷାର ସୁବ୍ୟବସ୍ଥା କରିବା ପାଇଁ ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଗଠନର ଜିଲା ସମ୍ପାଦକ କୈଳାସ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟ ସଭାପତି ମାନସ ପାଲ, ଜିଲା ସଭାପତି ନିରଞ୍ଜନ ନାୟକ, ଜ୍ୟୋସ୍ନା ସାମଲ, କିଶୋର ବିଶ୍ୱାଳ, ଭରତ ନାଏକ, ଦୁଃଖବନ୍ଧୁ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ ଯୁବ ସଙ୍ଗଠକ ମଳୟ ବେହେରା, ପ୍ରଭାତ ପ୍ରଧାନ, ବିଜୟ ସାହୁ, ଉଲ୍ଲାସ ମୁଦୁଲି, ସୁରେନ ସାହୁ, କୃଷ୍ଣ ବେହେରା, କୁମୁଦ ପଧାନ, ଗଣେଶ୍ୱର ବେହେରା ପ୍ରମୁଖ ସାମିଲ ଥିଲେ।

# 'ସ୍ମୃତିରେ ଶାନ୍ତିଲତା' ଉନ୍ମୋଚିତ

କଣିହାଁ,୧୮।୧୦(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବଡଗୁଣ୍ଡିରୀ ପଞ୍ଚାୟତ ବଡହୀରା ଗ୍ରାମରେ ବୁଧବାର ମହିଳା ସାମାଜିକ କର୍ମୀ ଶାନ୍ତିଲତା ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ସମ୍ପାଦକ ଧନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ତାଳଚେର ପିଏମ୍ଆଇଟି ଅଧ୍ୟକ୍ଷ ଶରତ ବିଶ୍ୱାଳ, ତାଳଚେର ଓ ଭୁବନ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଭୋଳେଶ୍ୱର ପ୍ରଧାନ, ଟିଟିପିଏସ୍‌ର ପୁରାତନ କର୍ମଚାରୀ ସଂଘ ସଭାପତି ସଦାନନ୍ଦ ପାତ୍ର, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ସାହୁ, ସାମାଜିକ କର୍ମୀ କିଶୋର ଚନ୍ଦ୍ର ପ୍ରଧାନ, ଶ୍ରମିକ ନେତା ସୌଭାଗ୍ୟ ପ୍ରଧାନ, ପୀତାମ୍ବର ସାହୁ, ପ୍ରମୋଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଶାନ୍ତିଲତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ସ୍ମୃତିରେ ଶାନ୍ତିଲତା' ପୁସ୍ତିକା ସ୍ମରଣିକା ଉନ୍ମୋଚନ ହୋଇଥିଲା। ଶାନ୍ତିଲତାଙ୍କ ସ୍ୱାମୀ ଡ. ମହେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯଶୋବନ୍ତ, ସୁଜିତ୍, ସାହିନ, ଶ୍ରୀୟା, ମୁନାଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ।


ଅତିଥିମାନେ 'ସ୍ମୃତିରେ ଶାନ୍ତିଲତା' ଉନ୍ମୋଚନ କରୁଛନ୍ତି।

# ୬୫ ପ୍ରତିଭାଙ୍କୁ ମିଳିଲା ସମ୍ମାନ

ଅନୁଗୋଳ,୧୮।୧୦
(ଅମିତ କୁମାର ସାମଲ)

ଆଦର୍ଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ଆନୁକୂଲ୍ୟରେ ଅନୁଗୋଳ ସଭାଘରଠାରେ ଆଦର୍ଶ ଗ୍ରୁପ୍ ପ୍ରତିଷ୍ଠାତା ଡ. ମହେଶ ଚନ୍ଦ୍ର ଧଳଙ୍କ ଆବାହକତ୍ୱରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଚୈତନ୍ୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଓ ଗୋବିନ୍ଦ ରାଜଗୁରୁ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ଡ. ଧଳ ଗ୍ରାମୀଣ ଓ ପଞ୍ଚାୟତସ୍ତରରେ ଲୁଚି ରହିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରି ସେମାନଙ୍କୁ ଜିଲା ଓ ରାଜ୍ୟସ୍ତରରେ ପରିଚିତ କରିବା ନିମନ୍ତେ ଏହି ସମାରୋହର ଆୟୋଜନ କରାଯାଇଥିବା ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ସାହୁ ଗ୍ରାମାଞ୍ଚଳରୁ ପ୍ରତିଭା ଚୟନ କରି ସେମାନଙ୍କୁ ସମ୍ମାନିତ କରିବାର ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ସଭାରେ ଉପସ୍ଥିତ ଅନ୍ୟତମ ଅତିଥି ପୂର୍ବତନ ନଗରପାଳ ଭକ୍ତିପ୍ରସାଦ ଦାସ ଏହି ପ୍ରକ୍ରିୟା ପ୍ରତିବର୍ଷ ଚାଲୁ ରଖିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଚୟନ କରାଯାଇଥିବା ୬୫ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସୁଶୀଲ ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଦୀପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ଜଣେ ପ୍ରତିଭାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

# ଲକ୍ଷ୍ମୀ ହୋଣ୍ଡା ତରଫରୁ ସ୍କ୍ରାଚ୍ ଆଣ୍ଡ ଉଇନ ଅଫର

ଅନୁଗୋଳ,୧୮।୧୦
(ଅମିତ କୁମାର ସାମଲ)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ଅନୁଗୋଳସ୍ଥିତ ଲକ୍ଷ୍ମୀ ହୋଣ୍ଡା ପକ୍ଷରୁ ପବିତ୍ର ଦଶହରା ଉପଲକ୍ଷେ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଛି। ଏଥିରେ ଗ୍ରାହକମାନେ ହୋଣ୍ଡାର ଯେକୌଣସି ୨ ଚକିଆ ଗାଡ଼ି କିଣିଲେ ସ୍କ୍ରାଚ୍ କାର୍ଡ ମାଧ୍ୟମରେ ନିଶ୍ଚିତ ଉପହାର ପାଇପାରିବେ। ଏହି ନିଶ୍ଚିତ ଉପହାରରେ ଏଲ୍ଇଡି ଟିଭି, ମାଇକ୍ରୋଓଭେନ, ଇଲେକ୍ଟ୍ରିକ କେଟିଲ, ଇଣ୍ଡକଶନ, ବ୍ୟାକପ୍ୟାକ ଆଦି ରହିଛି। ଏଥିସହିତ ସୁପର ସିକ୍ସ ଅଫରର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ଗ୍ରାହକମାନେ ଫାଇନାନ୍ସରେ ଜିରୋ ଡାଉନପେମେଣ୍ଟରେ ୬.୯୯% ସୁଧହାରରେ ଗାଡ଼ି ନେଇପାରିବେ। ଏଥିସହିତ ଏକ୍ସଚେଞ୍ଜର ସୁବିଧା ମଧ୍ୟ ରହିଛି। ଏଥିରେ ଗ୍ରାହକମାନେ ନିଜର ପୁରୁଣା ଗାଡ଼ି ବଦଳାଇ ନୂତନ ହୋଣ୍ଡା ଗାଡ଼ି କ୍ୟାଶ କିମ୍ବା ଫାଇନାନ୍ସ ମାଧ୍ୟମରେ ନେଇପାରିବେ। ଏହି ଅଫର ସୀମିତ ସମୟ ପାଇଁ ଉପଲବ୍ଧ। ଏହି ଅଫରର ଭରପୂର ଲାଭ ଉଠାଇବାକୁ ଲକ୍ଷ୍ମୀ ହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲା ଗ୍ରାହକମାନଙ୍କୁ ନିବେଦନ କରିଛନ୍ତି। ଏଥିସହ ପବିତ୍ର ଦଶହରାର ଶୁଭକାମନା ମଧ୍ୟ ଜଣାଇଛନ୍ତି।




# ବାଇକ୍‌ରେ ଚାଲାଣ ହେଉଛି ବିଦେଶୀ ମଦ

ବଇଣ୍ଡା,୧୮।୧୦
(ପରିକ୍ଷିତ ସାହୁ)

- ଗ୍ରାମାଞ୍ଚଳରେ ଚୋରା କାରବାରକୁ ଦିଆଯାଉଛି ପ୍ରୋତ୍ସାହନ
- ବିଭାଗର କେତେଜଣ କର୍ମଚାରୀଙ୍କ ସହ ସଲାସୁତରା ଅଭିଯୋଗ
- ଚଢ଼ାଉ ହେଉ ନ ଥିବାରୁ ବଇଣ୍ଡାବାସୀଙ୍କ ମଧ୍ୟରେ ଅସନ୍ତୋଷ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଥିବା ଏକ ବିଦେଶୀ ମଦ ଦୋକାନରୁ ବାଇକ୍ ଯୋଗେ ଗ୍ରାମାଞ୍ଚଳକୁ ପେଟି ପେଟି ମଦ ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ଏହି କାରବାର ଚାଲୁଥିଲେ ମଧ୍ୟ ପୋଲିସ ପକ୍ଷରୁ ଚଢାଉ କରାଯାଉ ନାହିଁ। ଫଳରେ ଗ୍ରାମାଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି।

ଗ୍ରାମାଞ୍ଚଳର କେତେକ ଦୋକାନରେ ଚୋରା ମଦ ବ୍ୟବସାୟ କରାଯାଉଛି। ଏହି ଚୋରା ବ୍ୟବସାୟରେ ଅତ୍ୟଧିକ ଲାଭ ହେଉଥିବାରୁ କେତେଜଣ ଦୋକାନୀ ଏପରି ବେଆଇନ କାରବାର କରୁଛନ୍ତି। ବଇଣ୍ଡା ଅଞ୍ଚଳରେ ଥିବା ଏକ ବିଦେଶୀ ମଦ ବ୍ୟବସାୟୀ ବ୍ୟବସାୟ ବୃଦ୍ଧି କରିବା ପାଇଁ ବାଇକ୍ ମାଧ୍ୟମରେ ଗ୍ରାମାଞ୍ଚଳକୁ ମଦ ଚାଲାଣ କରୁଛନ୍ତି। ବିଶେଷକରି ପ୍ରତ୍ୟେକ ଦିନ ସକାଳେ ଓ ରାତି ସମୟରେ ଏହି ଚାଲାଣ କରାଯାଉଛି। ବଇଣ୍ଡା, ଗାଁ ବଇଣ୍ଡା, ଲୁହାମୁଣ୍ଡା, କଣ୍ଟେଇକୋଳିଆ, ମଧପୁର, ଜାମୁନାଳି, ଖଣ୍ଡବର, ଅଶ୍ରୁବାହାଳ, ବାଦିବାହଳ ଆଦି ସ୍ଥାନରେ ଚୋରା ବିଦେଶୀ ମଦ କାରବାର କରାଯାଉଛି। ସେହିପରି ଜାତୀୟ ରାଜପଥ କଡରେ ଥିବା କେତେକ ହୋଟେଲରେ ନିରାପଦରେ ଏହି କାରବାର କରାଯାଉଛି। ଅବକାରୀ ବିଭାଗର କେତେଜଣ କର୍ମଚାରୀଙ୍କ ସହ ସଲାସୁତରା କରି ଏହି ବ୍ୟବସାୟ କରୁଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ରାତିରେ ଉକ୍ତ ମଦ ଦୋକାନର ଜଣେ କର୍ମଚାରୀ ବାଇକ୍‌ରେ ମଦ ଚାଲାଣ କରୁଥିବାବେଳେ ଧରାପଡି ହଟହଟା ହୋଇଥିଲେ। ଏହି ମଦ ବ୍ୟବସାୟ ଯୋଗୁ ଅନେକ ସମୟରେ ଗ୍ରାମାଞ୍ଚଳରେ ଗଣ୍ଡଗୋଳ ପରିସ୍ଥିତ ସୃଷ୍ଟି ହେଉଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେଇ ଚୋରା ମଦ କାରବାର ଉପରେ ରୋକ ଲଗାଇବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ହଣ୍ଡପା ଥାନା ଆଇଆଇସି ନମିତା ନାୟକ କହିଛନ୍ତି, ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ପୂର୍ବରୁ ୨ ଥର ମଦ କାଉଣ୍ଟର କର୍ମଚାରୀଙ୍କୁ ଗିରଫ କରାଯାଇଛି। ପୁଣି ଚଢ଼ାଉ କରାଯିବ।

### କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ମାଧପୁର,୧୮।୧୦
(ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ କର୍ମଚାରୀ ବୀମା ନିଗମର ଶାଖା ପ୍ରବନ୍ଧକ, ଲୁଣହାଣ୍ଡି ପଞ୍ଚାୟତ ଧୂଳିଆନାଳୀ ଗ୍ରାମର ସୁଶାନ୍ତ କୁମାର ମହାକୁଡ଼ ଯୋଗଦେଇ ଯୁକ୍ତ ୨ ଶିକ୍ଷାଦାନ ପରେ କେଉଁ ଶିକ୍ଷା ଗ୍ରହଣ କଲେ ନିଜର ଭବିଷ୍ୟତ ଗଢ଼ିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ସମୟରେ ଅଧ୍ୟକ୍ଷ ବୈଦ୍ୟନାଥ ସାହୁଙ୍କ ସମେତ ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ୨ ରୋଗଗ୍ରସ୍ତ ଶିଶୁଙ୍କୁ ସହାୟତା

ଢେଙ୍କାନାଳ,୧୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବିଡୋ ଗ୍ରାମର ଅଜୟ କୁମାର ସାହୁ ଓ ବିନୋଦିନୀ ସାହୁଙ୍କ ରୋଗଗ୍ରସ୍ତ ୨ ଶିଶୁଙ୍କ ଚିକିତ୍ସା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଲେଖାଏ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଦୁଇ ଶିଶୁ ହେଲେ ଆଦିତ୍ୟ କୁମାର ସାହୁ(୮ବର୍ଷ) ଓ ଇକ୍ଷାକୁ ଚନ୍ଦ୍ର ସାହୁ(୪ବର୍ଷ)। ଜିଲାପାଳ ସରୋଜ କୁମାର ସେଠୀ ଏହି ୨ ଶିଶୁଙ୍କୁ ଜିଲା କାର୍ଯ୍ୟାଳୟରେ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ଜରୁରୀ ଓ ଆପତକାଳୀନ ଅଧିକାରୀ ଲୋପମୁଦ୍ରା ରଥ ଉପସ୍ଥିତ ଥିଲେ।


ରୋଗଗ୍ରସ୍ତ ଶିଶୁଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ଶିକ୍ଷାର ବିକାଶ ଉପରେ ଆଲୋଚନା

ବଇଣ୍ଡା,୧୮।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଷଣ୍ଡପାଳ ସ୍ଥିତ ସୁରେନ୍ଦ୍ର ପାଠଗାର ପରିସରରେ ମଙ୍ଗଳବାର ଗ୍ରାମାଞ୍ଚଳରେ ଶିକ୍ଷା ଆଜିର ଆହ୍ୱାନ ଶୀର୍ଷକ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଳ୍ପତରୁ ସଭାପତି ସୁଧୀର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ତରଣୀ ସେନ ସାହୁ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି, ଶିକ୍ଷକ ହିମିତିରା ଉଚ୍ଚ ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଗ୍ରାମାଞ୍ଚଳରେ କିଭଳି ଶିକ୍ଷାର ବିକାଶ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ରମାକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ବାପୁନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିଙ୍କ ସମେତ ଛାତ୍ରୀଛାତ୍ରମାନେ।

# ମେଡିକାଲ କଲେଜ ପୂର୍ଣ୍ଣାଙ୍ଗ ନ ହେଲେ ବନ୍ଦ ପାଳନ

ତାଳଚେର, ୧୮।୧୦ (ମନୋଜ ନନ୍ଦ)

ଅକ୍ଟୋବର ଶେଷ ସୁଦ୍ଧା ତାଳଚେର ମେଡିକାଲ କଲେଜ ପୂର୍ଣ୍ଣାଙ୍ଗ କରା ନ ଗଲେ ନଭେମ୍ବରରେ ତାଳଚେର ବନ୍ଦ ପାଳନ କରାଯିବ। ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ବୁଧବାର ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଆବାହକ ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମେଡିକାଲ କଲେଜରେ ନୂତନ ଡାକ୍ତର ନିଯୁକ୍ତିକୁ ସ୍ୱାଗତ କରାଯାଇଥିଲା। ୩୩୦ ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜ ପାଇଁ ଆବଶ୍ୟକ ଡାକ୍ତର, ପ୍ରଫେସର ଏବଂ କର୍ମଚାରୀଙ୍କ ସହିତ ସମସ୍ତ ଉପକରଣ ଶୀଘ୍ର ଯୋଗାଇଦେବା ପାଇଁ କମିଟି ତରଫରୁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ଚଳିତମାସ ଶେଷ ସୁଦ୍ଧା ମେଡିକାଲ କଲେଜ ପୂର୍ଣ୍ଣାଙ୍ଗ କରା ନ ଗଲେ ନଭେମ୍ବରରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ସ୍ଥିର କରାଯାଇଥିଲା। ଏହି ବୈଠକରେ ହରେକୃଷ୍ଣ ମହାପାତ୍ର, ଅଭୟ ପାଣି, କେଶବ ଭୂତିଆ, ପ୍ରଫୁଲ୍ଲ ନାଏକ, ଦିଗାମ୍ବର ଗଡ଼ନାୟକ, ଚୈତନ୍ୟ ପ୍ରଧାନ, ବିଜୟ ମିଶ୍ର, ବିନୋଦ ଲାଲ, ମହେଶ୍ୱର ସାହୁ, ଶୋଭାଗିନୀ ଦେବୀ, ସୁକାନ୍ତ ଦାସ, ସଞ୍ଜୀବ ନାଏକ, ଉତ୍କଳ ସିଂ, ପଦ୍ମନାଭ ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ, ଆଇନଜୀବୀ ନଖିଆ ସାହୁ, ପ୍ରଦୀପ ମହାରଣା, ଡିଲେଶ୍ୱର ସେଠୀ, ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ବୈଠକରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ।

